# ଭୋଟ୍ ବର୍ଜ୍ଜନ ଏକ ସାମ୍ବିଧାନିକ ଓ ଆଇନ୍‌ସିଦ୍ଧ ଅଧିକାର

## ଭୋଟ୍ ବର୍ଜ୍ଜନକୁ ନେଇ ବିଭ୍ରାନ୍ତି

ଭୋଟ୍ ବର୍ଜ୍ଜନ କଥା ପଡିଲେ ସଙ୍ଗେ ସଙ୍ଗେ ପୋଲିସ୍ ଓ ପ୍ରଶାସକଙ୍କ ଠାରୁ ଆରମ୍ଭ କରି ରାଜନେତା ଓ ଏପରିକି ପ୍ରତିଷ୍ଠିତ ବିଦ୍ୱାନ୍ ମାନେ କହିପକାନ୍ତି, ଏହା ହେଉଛି ନକ୍ସଲ୍‌ପନ୍ଥୀ ବା ମାଓବାଦୀଙ୍କର ଏକ ଧ୍ୱନି, ଯାହାଠାରୁ ସମ୍ବିଧାନ, ଆଇନ୍‌ର ଶାସନ ଓ ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଆମ ଭଳିଆ ଲୋକେ ଦୂରେଇ ରହିବା ଉଚିତ୍ । କିନ୍ତୁ ସେମାନେ ନିଜେ ଜାଣିନାହାନ୍ତି ଯେ, ଭୋଟ୍ ଦେବା ଭଳି ଭୋଟ୍ ବର୍ଜ୍ଜନ କରିବା ମଧ୍ୟ ଜଣେ ଭାରତୀୟ ନାଗରିକଙ୍କର ସାମ୍ବିଧାନିକ ଓ ଆଇନ୍‌ସିଦ୍ଧ ଅଧିକାର ଏବଂ ସ୍ଥଳ ବିଶେଷରେ ପ୍ରତ୍ୟେକ ଅଧିକାର ସମାନ ଭାବେ ମହତ୍ତ୍ୱପୂର୍ଣ୍ଣ । ଭୋଟ୍ ବର୍ଜ୍ଜନର ଦୁଇଟି ଅର୍ଥ ଅଛି, ଗୋଟିଏ ହେଲା, ଭୋଟ୍ କେନ୍ଦ୍ରକୁ ମୋଟେ ନଯିବା; ଏବଂ ଅନ୍ୟଟି ହେଲା, ଭୋଟ୍ କେନ୍ଦ୍ରକୁ ଯିବା ଅଥଚ କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ନଦେବା । ବିସ୍ମୟକର ଲାଗିଲେ ବି ଏହା ସତ, ଉଭୟ ଅର୍ଥରେ ଭୋଟ୍ ବର୍ଜ୍ଜନର ଅଧିକାର ସାବ୍ୟସ୍ତ କରିବା ପାଇଁ ଆମର ପ୍ରଚଳିତ ବିଧିବିଧାନ ନାଗରିକମାନଙ୍କୁ ବେଶ୍ କିଛି ସୁଯୋଗ ଦେଇଛି । କିନ୍ତୁ ବିଡମ୍ବନାର ବିଷୟ, ନିର୍ବାଚନ କମିଶନ୍, ସରକାରୀ ପ୍ରଶାସନ, ରାଜନୈତିକ ଦଳ, ଗଣମାଧ୍ୟମ ଓ ଏପରିକି ସିଭିଲ୍ ସୋସାଇଟି ଗୋଷ୍ଠୀ, ଯେଉଁମାନେ କି ନିର୍ବାଚନ ସଂକ୍ରାନ୍ତୀୟ ବିଧିବିଧାନକୁ ନିଷ୍ପକ୍ଷ ଓ ସତ୍ୟନିଷ୍ଠ ଭାବେ ବ୍ୟାଖ୍ୟା କରି ନିର୍ଭୁଲ୍ ଢଙ୍ଗରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା କଥା, ସେମାନେ ନିଜର କର୍ତ୍ତବ୍ୟକୁ ଠିକ୍ ଢଙ୍ଗରେ ସଂପାଦନ କରୁନଥିବାରୁ ଲୋକଙ୍କ ଭିତରେ ଭୋଟ୍ ଦେବାର ଅଧିକାର ଓ କର୍ତ୍ତବ୍ୟକୁ ନେଇ ଏକ ଭ୍ରାନ୍ତ ଓ ଏକପାଖିଆ ଧାରଣା ବସାବାନ୍ଧିଛି, ଯେପରିକି ଭୋଟ୍ ଦେବା ହିଁ ହେଉଛି ଏକ ପରମ ସାମ୍ବିଧାନିକ, ଗଣତାନ୍ତ୍ରିକ ଓ ବୈଧାନିକ କର୍ତ୍ତବ୍ୟ ଏବଂ ଭୋଟ୍ ବର୍ଜ୍ଜନ କରିବା ଏକ ଚରମ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ ବେଆଇନ୍ କାର୍ଯ୍ୟ । ଏପ୍ରକାର ବିଭ୍ରାନ୍ତିକୁ ଦୂର କରିବା ଏହି କ୍ଷୁଦ୍ର ପ୍ରବନ୍ଧର ନମ୍ର ପ୍ରୟାସ ।

## ଭୋଟ୍ ବର୍ଜ୍ଜନ ଏକ ସାମ୍ବିଧାନିକ ଅଧିକାର

ପ୍ରଚାର ଚାଲିଛି- ଯୋଗ୍ୟତମ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ । କିନ୍ତୁ ଏଭଳି ମଧ୍ୟ ଏକ ପରିସ୍ଥିତି ଉପୁଜିପାରେ, ଯେଉଁଠି, ଉଦାହରଣ ସ୍ୱରୂପ, ଦଣ୍ଡାୟମାନ ଚାରିଜଣ ପ୍ରାର୍ଥୀ ମୋ ବିଚାରରେ ଅଯୋଗ୍ୟ, ଯଥା ପ୍ରଥମ ଜଣକ କଳାଧନର ମାଲିକ ତ ଦ୍ୱିତୀୟ ଜଣକ ଜଣାଶୁଣା ଅପରାଧୀ, ଆଉ ତୃତୀୟ ଜଣକ ସୁବିଧାବାଦୀ ଦଳବଦଳକାରୀ ତ ଚତୁର୍ଥ ଜଣକ ଏକ ଦଙ୍ଗାକାରୀ ଦୁର୍ବୃତ୍ତ । ସୁତରାଂ ଏମାନଙ୍କ ଭିତରୁ ଯୋଗ୍ୟତମକୁ ବାଛିବାର ପ୍ରଶ୍ନ ଉଠୁନାହିଁ । କିନ୍ତୁ ଏହା ସତ୍ତ୍ୱେ ବିଭିନ୍ନ ଦଳ ଓ ଗଣମାଧ୍ୟମର ପ୍ରଚାରରେ ଭାସିଯାଇ ମୁଁ ଯଦି ଉକ୍ତ ୪ଜଣଙ୍କ ଭିତରୁ ଜଣଙ୍କୁ ବାଛେ, ତେବେ ମୁଁ ଯେ କେବଳ ମୋର ବିବେକର ସ୍ୱାଧନତା (ସମ୍ବିଧାନର ଧାରା ୨୫)କୁ ବଳିଦେବି ତାହା ନୁହେଁ, ବରଂ ମତପ୍ରକାଶର ସ୍ୱାଧୀନତା (ସମ୍ବିଧାନର ଧାରା ୧୯-୧ଏ)କୁ ଅମର୍ଯ୍ୟାଦା କରିବସିବି । ଅନ୍ୟପକ୍ଷରେ ସମସ୍ତେ ଜାଣନ୍ତି, ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାରସମୂହର ଅବତରାଣା କରାଯାଇଛି, କିନ୍ତୁ ଏଥିରେ ଭୋଟ୍ ଦେବାର ଅଧିକାର ସ୍ଥାନିତ ହୋଇନାହିଁ, ଯଦିଓ ଉପରୋକ୍ତ ଧାରା ୧୯ ଅଧୀନରେ ଜଣେ ଚାହିଁଲେ ଭୋଟ୍ ମାଧ୍ୟମରେ ତାଙ୍କର ମତପ୍ରକାଶର ସ୍ୱାଧୀନତାକୁ ଜାହିର୍ କରିପାରିବେ । ସେହିପରି ସମ୍ବିଧାନର ଭାଗ-୪(ଏ)ରେ ନାଗରିକର ୧୧ଟି ମୌଳିକ କର୍ତ୍ତବ୍ୟ ସୂଚୀତ ହୋଇଛି ଏବଂ ଏଥିରେ ମଧ୍ୟ ଭୋଟ୍ ଦେବା ଏକ ମୌଳିକ ବା ବାଧ୍ୟତାମୂଳକ କର୍ତ୍ତବ୍ୟ ବୋଲି ସୂଚୀତ ହୋଇନାହିଁ । ସମ୍ବିଧାନର ଭାଗ-୧୫ (ନିର୍ବାଚନ) ଅଧୀନରେ ଧାରା ୩୨୪ରୁ ୩୨୯ ଭିତରେ ସାର୍ବଜନୀନ ଭୋଟ୍ ଅଧିକାର ବିଷୟରେ କୁହାଯାଇଛି, କିନ୍ତୁ ଏହାକୁ ବାଧ୍ୟତାମୂଳକ କରାଯାଇନି । ସମ୍ବିଧାନର କାର୍ଯ୍ୟକାରିତା ସମୀକ୍ଷା ଜାତୀୟ କମିଶନ୍ (୨୦୦୨)ଙ୍କ ରିପୋର୍ଟରୁ ଆମେ ଜାଣିବାକୁ ପାଉ ଯେ, ଅଷ୍ଟ୍ରେଲିଆ, ବ୍ରାଜିଲ୍, ଆର୍ଜେଣ୍ଟାଇନା, ମେକ୍ସିକୋ, ଚିଲି, ବେଲ୍‌ଜିଅମ୍, ଲଗଜମ୍‌ବର୍ଗ, ଗ୍ରୀସ୍, ତୁର୍କୀ, ସିଙ୍ଗାପୁର, ଫିଲିପାଇନ୍‌ସ ଇତ୍ୟାଦ ବହୁ ଦେଶରେ ଭୋଟ୍ ଦେବାକୁ ବାଧ୍ୟତାମୂଳକ କରାଯାଇଛି, ଅର୍ଥାତ୍ ଭୋଟ୍ ନଦେବା ଦଣ୍ଡନୀୟ ଅଟେ । ଇଜିପ୍ଟରେ କେବଳ ପୁରୁଷମାନଙ୍କ ପାଇଁ ଏହା ବାଧ୍ୟତାମୂଳକ । କିନ୍ତୁ ଭୋଟ୍ ଦେବା ନାଗରିକର ଏକ ମୌଳିକ କର୍ତ୍ତବ୍ୟ ବୋଲି ଆମ ସମ୍ବିଧାନରେ ସ୍ଥାନିତ କରିବା ପ୍ରସ୍ତାବକୁ କମିଶନ୍ ଅବାସ୍ତବ ଓ ଅଯୌକ୍ତିକ ବୋଲି ପ୍ରତ୍ୟାଖ୍ୟାନ କରିଥିଲେ । ଏହାଛଡ଼ା ଇଂରେଜ ଅମଳରୁ ଚଳି ଆସୁଥିବା ଭାରତୀୟ ଦଣ୍ଡ ସଂହିତା (ଆଇ.ପି.ସି.) ୧୮୬୦ର ଦଫା ୧୭୧-ଏ (ବି)ରେ 'ନିର୍ବାଚନ-ସଂକ୍ରାନ୍ତ ଅଧିକାର'କୁ ସଂଜ୍ଞାୟନ କରି ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏହି ଅଧିକାର ହେଉଛି ଗୋଟିଏ ନିର୍ବାଚନରେ ପ୍ରାର୍ଥୀ ଭାବେ ଲଢ଼ିବା ବା ନଲଢ଼ିବାର ଅଧିକାର ତଥା ଭୋଟ୍ ଦେବା ବା ଭୋଟ୍ ଦେବାରୁ ନିବୃତ୍ତ ରହିବାର ଅଧିକାର । ଅର୍ଥାତ୍ ଜଣେ ନାଗରିକ ଯଦି ଉଚିତ୍ ମଣନ୍ତି ତେବେ ସେ ମୋଟେ ଭୋଟ୍ କେନ୍ଦ୍ରକୁ ଯିବେ ନାହିଁ ଏବଂ ତାଙ୍କର ଏହି ଅଧିକାର ଆଇନ୍ ଦ୍ୱାରା ସୁରକ୍ଷିତ ରହିବ । ସୁତରାଂ ମୋଟ୍ ଉପରେ କହିଲେ, ଜଣେ ଭାରତୀୟ ନାଗରିକଙ୍କ ପକ୍ଷେ ଭୋଟ୍‌କେନ୍ଦ୍ରକୁ ମୋଟେ ନଯିବା ବା ଏହାକୁ ବର୍ଜ୍ଜନ କରିବା ସେତିକି ମହତ୍ତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଧିକାର, ଯେତିକି ହେଉଛି ଭୋଟ୍ ଦେବାର ଅଧିକାର ।

## ପ୍ରାର୍ଥୀ ବର୍ଜ୍ଜନ ଏକ ଆଇନ୍‌ସିଦ୍ଧ ଅଧିକାର

ଉପରେ ଆମେ ଆଲୋଚନା କଲେ ଜଣେ ନାଗରିକର ଭୋଟ୍‌କେନ୍ଦ୍ରକୁ ବର୍ଜ୍ଜନ କରିବାର ସାମ୍ବିଧାନିକ ଅଧିକାର ବିଷୟରେ । ବର୍ତ୍ତମାନ ଆମେ ଦେଖିବା, ଜଣେ ନାଗରିକ ଭୋଟ୍‌କେନ୍ଦ୍ରକୁ ଯିବେ ଅଥଚ କୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେବେନାହିଁ ଅର୍ଥାତ୍ ସମସ୍ତ ପ୍ରାର୍ଥୀଙ୍କୁ ବର୍ଜ୍ଜନ କରିବେ, ସେହି ଅଧିକାର କିପରି ବିଧିମତେ ସାବ୍ୟସ୍ତ କରାଯାଇପାରିବ । ନିର୍ବାଚନ ପରିଚାଳନା ନିୟମାବଳୀ ୧୯୬୧ ଅନୁଯାୟୀ ଲୋକସଭା ଓ ରାଜ୍ୟ ବିଧାନସଭା ସଦସ୍ୟମାନଙ୍କର ନିର୍ବାଚନ ପରିଚାଳିତ ହୋଇଥାଏ । ଏହାର ନିୟମ ୪୯(ଓ)ର ଶୀର୍ଷକ ହେଲା, 'ଭୋଟ୍ ନଦେବା ପାଇଁ ଭୋଟର୍‌ଙ୍କ ନିଷ୍ପତ୍ତି', ଯାହା ଅଧୀନରେ କୁହାଯାଇଛି ଯେ, ଯଦି ଜଣେ ଭୋଟର୍ ଦଣ୍ଡାୟମାନ ପ୍ରାର୍ଥୀମାନଙ୍କ ଭିତରୁ କୌଣସି ଜଣଙ୍କୁ ଭୋଟ୍ ଦେବାକୁ ଚାହିଁବେନି, ତେବେ ସେ ଭୋଟର୍ ରେଜିଷ୍ଟର୍ (୧୭-ଏ )ରେ ନିଜର ସାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ ଦେଲାପରେ ନିଜର ସେହି ଇଚ୍ଛା ପ୍ରକଟ କରିବେ ଏବଂ ପ୍ରିଜାଇଡିଂ ଅଫିସର୍ ଉକ୍ତ ରେଜିଷ୍ଟର୍‌ରେ ସ୍ଥାନିତ ଥିବା ମନ୍ତବ୍ୟ ସ୍ତମ୍ଭରେ ସଂପୃକ୍ତ ନାମର ଡାହାଣ ପାର୍ଶ୍ୱରେ ତାହା ଉଲ୍ଲେଖ କରିବେ ଏବଂ ଏହି ମନ୍ତବ୍ୟ ଲେଖା ହେବା ପରେ ପୁଣି ଭୋଟର୍ ଆଉ ଥରେ ନିଜର ସାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ ଦେବେ । ଗୋଟିଏ ବୁଥ୍‌ରେ କେତେଜଣ ଭୋଟର୍ ଏଭଳି ରୀତିରେ ଭୋଟ୍ ଦେବା ପାଇଁ ଅନିଚ୍ଛା

ପ୍ରକଟ କଲେ, ତହିଁର ହିସାବ ଜାଣିବା ପାଇଁ 'ରେକର୍ଡ-ଭୁକ୍ତ ଭୋଟ୍‌ସଂଖ୍ୟାର ହିସାବ' (ଫର୍ମ-୧୭ସି)ରେ ସ୍ଥାନିତ ଥିବା ଏକ ସ୍ତମ୍ଭ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ପୂରଣ କରିବାକୁ ପଡିବ, ଯାହାର ଶୀର୍ଷକ ହେଲା, 'ନିୟମ ୪୯(ଓ) ଅନୁଯାୟୀ ଭୋଟ୍ ରେକର୍ଡ କରିବାକୁ ଚାହୁଁନଥିବା ଭୋଟରଙ୍କ ସଂଖ୍ୟା'। ଜଣେ ଭୋଟର୍ ଭୋଟ୍ କେନ୍ଦ୍ରକୁ ଯାଇ ସମସ୍ତ ପ୍ରାର୍ଥୀଙ୍କୁ ବର୍ଜନ କରୁଥିବାରୁ, ଏହାକୁ ପ୍ରତିବାଦ ଭୋଟ୍ ମଧ୍ୟ କୁହାଯାଇଥାଏ । ଏହି ପ୍ରଥା ଅନ୍ୟ କେତେକ ଦେଶରେ ମଧ୍ୟ ପ୍ରଚଳିତ ଅଛି, ଯଥା ଯୁକ୍ତରାଷ୍ଟ୍ର ଆମେରିକାର ନେଭେଦା ରାଜ୍ୟ, ଫ୍ରାନ୍ସ, ୟୁକ୍ରେନ୍, ସ୍ପେନ୍ ଓ କଲମ୍ବିଆ । ରୁଷିଆରେ ଏହି ପ୍ରଥା ୨୦୦୬ମସିହା ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଅନ୍ୟାନ୍ୟ ଦେଶରେ ଏହି ପ୍ରଥା ପ୍ରଚଳନ ସପକ୍ଷରେ ଲଗାତାର ଆନ୍ଦୋଳନ ଜାରି ରହିଛି । କିନ୍ତୁ ମନେ ରଖିବାକୁ ପଡିବ, ଆମଦେଶର ପ୍ରଥା ଓ ସେସବୁ ଦେଶର ପ୍ରଥା ଭିତରେ ଏକ ମୌଳିକ ପାର୍ଥକ୍ୟ ରହିଛି । ସେଠାରେ ବ୍ୟାଲଟ୍ କାଗଜ ବା ଇଲେକ୍ଟ୍ରନିକ ଭୋଟିଂ ମେସିନ୍‌ରେ ସମସ୍ତ ପ୍ରାର୍ଥୀଙ୍କ ନାମ ତାଲିକା ତଳେ ଏକ ସ୍ୱତନ୍ତ୍ର ଧାଡିରେ ଲେଖାଯାଇଥାଏ, 'ଉଲ୍ଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ କେହି ନୁହଁନ୍ତି' ('ନନ୍ ଅଫ୍ ଦି ଆବୋଭ' ବା ସଂକ୍ଷେପରେ 'ନୋଟା') ଏବଂ ମେସିନ୍ ହୋଇଥିଲେ ଭୋଟରମାନେ ଉକ୍ତ ଧାଡିର କଡରେ ଥିବା ସୁଇଚ୍‌କୁ ଚିପି ଦିଅନ୍ତି ବା ବ୍ୟାଲଟ୍ କାଗଜ ହୋଇଥିଲେ ସେହି ଧାଡିର କଡରେ ଥିବା ଖାଲିସ୍ଥାନରେ ମୋହର ଲଗାନ୍ତି । ଏହି କାରଣରୁ ସେସବୁ ଦେଶରେ ନୋଟା ପ୍ରୟୋଗ କରୁଥିବା ଭୋଟରମାନଙ୍କ ପରିଚୟ ଗୋପନୀୟ ରହିଥାଏ, କିନ୍ତୁ ଆମ ଦେଶରେ ଯେହେତୁ ପ୍ରତିବାଦୀ ଭୋଟର୍‌ଙ୍କୁ ନିଜର ଇଚ୍ଛା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ମୌଖିକ ଭାବେ କହିବାକୁ ପଡିଥାଏ ଏବଂ ତହିଁର ପ୍ରମାଣ ସ୍ୱରୂପ ସ୍ୱାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ ଦେବାକୁ ପଡିଥାଏ, ତାଙ୍କର ମତଦାନର ଗୋପନୀୟତା ଅନ୍ତତଃ ନିର୍ବାଚନ କର୍ମଚାରୀ ଓ ପୋଲିଂ ଏଜେଣ୍ଟଙ୍କ ସାମନାରେ ରକ୍ଷା କରାଯାଇପାରେ ନାହିଁ । ଏହା ଫଳରେ ଲୋକ ପ୍ରତିନିଧିତ୍ୱ ଆଇନ୍ ୧୯୫୧ର ଧାରା ୯୪ ଉଲ୍ଲଂଘିତ ହୋଇଥାଏ, ଯେଉଁଠି କୁହାଯାଇଛି ଯେ ମତଦାନରେ ଗୋପନୀୟତା ଯେମିତି ହେଲେ ବଜାୟ ରଖିବାକୁ ପଡିବ ।

**ନାଁ ଭୋଟ୍ ଉପରେ ନିର୍ବାଚନ କମିଶନ୍‌ଙ୍କ ସୁପାରିଶ୍**

ଏଠାରେ ଉଲ୍ଲେଖନୀୟ ଯେ, କେନ୍ଦ୍ରୀୟ ନିର୍ବାଚନ କମିଶନ୍‌ଙ୍କ ତରଫରୁ ଯଥାକ୍ରମେ ୨୦୦୧ ଏବଂ ୨୦୦୪ରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଏବଂ ମନମୋହନ ସିଂହଙ୍କୁ ଭାରତରେ 'ନାଁ ବା ନିଷ୍ପକ୍ଷ ଭୋଟିଂ' (ନେଗେଟିଭ୍ ବା ନିଉଟ୍ରାଲ୍ ଭୋଟିଂ) ବ୍ୟବସ୍ଥାକୁ ଦୋଷମୁକ୍ତ ଏବଂ ମଜବୁତ୍ କରିବା ଉଦ୍ଦେଶ୍ୟରେ ଦୁଇଦଫା ସୁପାରିଶ୍ କରାଗଲାଣି । କମିଶନ୍ ସୁପାରିଶ୍ କରିଛନ୍ତି ଯେ, ଭୋଟିଂ ମେସିନ୍‌ରେ ପ୍ରାର୍ଥୀ ତାଲିକା ତଳେ 'ନୋଟା' ନାମକ ଏକ ଧାଡି ରହିବ, ଏବଂ ଜଣେ ଭୋଟର୍ ତା କଡରେ ଥିବା ସୁଇଚ୍‌କୁ ଚିପିବ, ଯାହା ଫଳରେ ସେ ଯେ ସମସ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି, ତାହା ସାବ୍ୟସ୍ତ ହେବା ସହିତ ତାଙ୍କର ମତଦାନର ଗୋପନୀୟତା ରକ୍ଷା କରାଯାଇପାରିବ ।

**ନାଁ ଭୋଟ୍ ଉପରେ ବିଧି କମିଶନ୍‌ଙ୍କ ସୁପାରିଶ୍**

ଗତ ୨୯.୫.୧୯୯୯ ରେ ଭାରତର ବିଧି କମିଶନ୍ ଭାରତ ସରକାରଙ୍କୁ ଦେଇଥିବା ସୁପାରିଶ୍ ଆହୁରି ଯୁକ୍ତିଯୁକ୍ତ ମନେହୁଏ । ତାଙ୍କର କହିବା କଥା, ଗୋଟିଏ ନିର୍ବାଚନ ମଣ୍ଡଳୀରେ ମୋଟ୍ ମତଦାନ ଭିତରୁ ଅନ୍ତତଃ ଶତକଡା ୫୦ରୁ ଅଧିକ ଭୋଟ୍ ପାଇଲେ ଜଣେ ପ୍ରାର୍ଥୀଙ୍କୁ ବିଜେତା ବୋଲି ଘୋଷଣା କରାଯିବା ଉଚିତ୍, କାରଣ ତଦ୍ୱାରା ସେ ପ୍ରକୃତ ପକ୍ଷେ ସଂଖ୍ୟାଗରିଷ୍ଠଙ୍କ ପ୍ରତିନିଧି ବୋଲି ବିବେଚିତ ହେବେ । କମିଶନ୍ ପୁଣି କହିଛନ୍ତି, ବ୍ୟାଲଟ୍ ତାଲିକାରେ ସମସ୍ତ ପ୍ରାର୍ଥୀଙ୍କ ନାମ ତଳେ 'ନାଁ ଭୋଟ୍' ବୋଲି ଗୋଟିଏ ଧାଡି ରହିବ, ଯେଉଁ ଭୋଟର୍ ମାନେ କୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଚାହିଁବେନି, ସେମାନେ 'ନାଁ ଭୋଟ୍' ଦେବେ । ମୋଟ୍ ମତଦାନ ସଂଖ୍ୟା ଗଣା ହେବା ବେଳେ ନାଁ ଭୋଟ୍ ମଧ୍ୟ ତା ଭିତରେ ମିଶିବ । ଏପରି ଭାବେ ଗଠିତ ମୋଟ୍ ମତଦାନ ସଂଖ୍ୟାର ଶତକଡା ୫୦ରୁ ଅଧିକ ଯଦି ଜଣେ ପ୍ରାର୍ଥୀ ନପାଆନ୍ତି, ତେବେ ଆଉ ଗୋଟିଏ ନିର୍ବାଚନ ଲଢେଇ ହେବ କେବଳ ପ୍ରଥମ ଦୁଇଜଣଙ୍କ ଭିତରେ । ଏଥରକ ମଧ୍ୟ 'ନାଁ ଭୋଟ୍'କୁ ମିଶାଇ ସମୁଦାୟ ମତଦାନ ସଂଖ୍ୟା ନିର୍ଣ୍ଣୀତ ହେବ, ଏବଂ ଯେଉଁ ପ୍ରାର୍ଥୀ ଅନ୍ତତଃ ଶତକଡା ୫୦ ଭୋଟ୍‌ରୁ ଅଧିକ ପାଇବେ, ସେ ବିଜୟୀ ଭୋଲି ଘୋଷିତ ହେବେ । କମିଶନ୍‌ଙ୍କ ବିଚାରରେ ଏହି ପଦ୍ଧତିର ଅନେକ ସୁଫଳ ରହିଛି । ଅବାଂଛିତ ପ୍ରାର୍ଥୀମାନଙ୍କ ପ୍ରତି ବିମୁଖ ହୋଇ ମୋଟେ ମତଦାନ କରୁନଥିବା ଭୋଟର୍ ମାନଙ୍କୁ ଏହି ନୂତନ ପଦ୍ଧତି ବଳରେ ଭୋଟ୍‌କେନ୍ଦ୍ରକୁ ଆକୃଷ୍ଟ କରିହେବ । ପ୍ରକୃତ ସଂଖ୍ୟାଗରିଷ୍ଠଙ୍କ ପ୍ରତିନିଧି ରୂପେ ନିର୍ବାଚିତ ପ୍ରାର୍ଥୀଙ୍କ ପଦମର୍ଯ୍ୟାଦା ବଢିଯିବ । ସର୍ବୋପରି ଅପରାଧୀ, ଦଙ୍ଗାକାରୀ, ଭ୍ରଷ୍ଟାଚାରୀ ଓ ଜାତିଆଣ ଏବଂ ସାଂପ୍ରଦାୟିକତାବାଦୀ ପ୍ରାର୍ଥୀମାନେ 'ନାଁ ଭୋଟ୍' ଆଶଙ୍କାରେ ନିର୍ବାଚନ କ୍ଷେତ୍ରରୁ ଆପେ ଆପେ ଅପସରି ଯିବେ ।

**ବର୍ତ୍ତମାନ କ'ଣ କରାଯିବ**

ବିସ୍ମୟର କଥା, ନିର୍ବାଚନ କମିଶନ୍ ଓ ବିଧି କମିଶନ୍ ପ୍ରତିବାଦ ଭୋଟ୍‌କୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏତେସବୁ ପରାମର୍ଶ ଦେଇଥିବା ସତ୍ତ୍ୱେ ଏନ୍.ଡି.ଏ., ୟୁ.ପି.ଏ. ବା ବର୍ତ୍ତମାନର ତୃତୀୟ ସାମ୍ମୁଖ୍ୟର କୌଣସି ଦଳ ବା ରାଜନେତା ସେସବୁ ପ୍ରତି ତିଳେମାତ୍ର ଭ୍ରୁକ୍ଷେପ କରିନାହାନ୍ତି । ପି.ୟୁ.ସି.ଏଲ୍. ତରଫରୁ ଗତ ୨୦୦୪ ମସିହାରୁ 'ନାଁ ଭୋଟ୍'କୁ ସଂପୂର୍ଣ୍ଣ ରୂପେ ବୈଧୀକରଣ କରିବା ପାଇଁ ଆବେଦନ କରି ସୁପ୍ରିମ୍ କୋର୍ଟରେ ଏକ କେଶ୍ ଅମୀମାଂସୀତ ଭାବେ ପଡିରହିଛି । ଗତ ୨୮ଜାନୁଆରିରେ ଏହି କେଶ୍‌ର ଅଦ୍ୟତନ ଶୁଣାଣି ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ ତରଫରୁ ଅତିରିକ୍ତ ମହା ଅଧିବକ୍ତା ପ୍ରତିବାଦ ଭୋଟ୍‌କୁ ଦୃଢ ଭାବେ ବିରୋଧ କରିଥିଲେ ଏବଂ ସର୍ବୋଚ୍ଚ ଅଦାଲତ କୌଣସି ଫଇସଲାରେ ପହଞ୍ଚି ପାରିନଥିଲେ । ଏହି ବିରୋଧ ବାସ୍ତବିକ ସମସ୍ତ ପ୍ରମୁଖ ରାଜନୈତିକ ଦଳମାନଙ୍କର ନକାରାତ୍ମକ ମତିଗତିକୁ ପ୍ରତିଫଳନ କରୁଛି, କାରଣ ନୋଟା ଲାଗୁହେଲେ ସେମାନଙ୍କ ଦ୍ୱାରା ମନମୁଖୀ ପ୍ରାର୍ଥୀଚୟନ ଆଉ ଚଳିବ ନାହିଁ । ଯାହା ହେଉନା କାହିଁକି, ବର୍ତ୍ତମାନ ଯେଉଁ ଯେଉଁ ନିର୍ବଚନମଣ୍ଡଳୀରେ ସମସ୍ତ ପ୍ରାର୍ଥୀ ଜନତାଙ୍କର ନାପସନ୍ଦ ହେଉଛି, ସେ ସମସ୍ତ କ୍ଷେତ୍ରରେ ବୈଧାନିକ ଢଙ୍ଗରେ ଉଭୟ ଭୋଟ୍ ବର୍ଜନ ଏବଂ ପ୍ରାର୍ଥୀ ବର୍ଜନ ସମ୍ବନ୍ଧରେ ଜନଚେତନାକୁ ଜାଗ୍ରତ କରିବାକୁ ପଡିବ । ଗଣତନ୍ତ୍ରର ମୂଳାଧାର ନିର୍ବାଚନୀ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ନିର୍ମଳ ଓ ଲୋକାଧାରିତ କରିବାର ବୃହତ୍ତର ସ୍ୱାର୍ଥରେ ଏହା ମାଓବାଦୀ ଭାଇଭଉଣୀଙ୍କ ସମେତ ସମସ୍ତ ଗଣତନ୍ତ୍ର-ପ୍ରେମୀ ବ୍ୟକ୍ତିବିଶେଷ ଓ ସଂଗଠନର ପରମ ଓ ପବିତ୍ର କର୍ତ୍ତବ୍ୟ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, 6th April 2009**